

Tel- 0671-2508100 (O) / 2301001 (R)
Fax- 0671-2301103
E-mail : dm-ctc@ori.nic.in

**Sri Bhabani Shankar Chayani**
Collector & District Magistrate
Cuttack, Odisha

# MESSAGE

I am happy to learn that "SAKHI" one stop center, Cuttack managed by Institute for Social Development is going to bringingout its Annual Report on completion of 3 years of their achievements serving with cases of violence against women as well as carrying information and views of larger society about the center.

Violence in any form against women like Domestic Violence, sexual harassment, Human trafficking, Acid attacks should be discouraged.

It is hard to believe that the Institution has been cartering the needs of medical assistance, councelling and legal Aid to the distress women, which is really praise worthy.

I congratulate all the members associated with "SAKHI" and wish them all success in their endeavours to the society.

Bhabani Shankar Chayani
(Collector, Cuttack)



# ସମ୍ପାଦକୀୟ.......

**ଶୁଭଶ୍ରୀ ଦାସ**, ନିର୍ଦ୍ଦେଶିକା
ଇନଷ୍ଟିଚ୍ୟୁଟ୍ ଫର୍ ସୋସିଆଲ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି)

ବୈଦିକ ଯୁଗର ସାମାଜିକ ଇତିହାସ ଅନୁଧ୍ୟାନ କଲାବେଳେ ଜଣାଯାଏ ଯେ, ନାରୀ କେବଳ ପୁରୁଷର ସହଧର୍ମିଣୀ ନଥିଲା, ସେ ସହକର୍ମୀ ବି ଥିଲା, ଯାଗ ଯଜ୍ଞ ଧର୍ମାନୁଷ୍ଠାନ ଠାରୁ ଆରମ୍ଭ କରି ଶାସନ କାର୍ଯ୍ୟ ପରିଚାଳନା ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ସେ ପୁରୁଷର ପାଖେ ପାଖେ ରହି ତାକୁ ସାହାଯ୍ୟ କରୁଥିଲା। ନାରୀ ଶକ୍ତିର ସ୍ୱୀକୃତି ଦେବାକୁ ଯାଇ ପରବର୍ତ୍ତୀକାଳରେ ଭାରତରେ ନାରୀ ଶସକ୍ତିକରଣ ପାଇଁ ସମସ୍ତ ପ୍ରକାର ବିଧାନ କରାଯାଇଛି। ଶିକ୍ଷା, ଶାସନ, ସମାଜସେବା, ରାଜନୀତି ଇତ୍ୟାଦି ସମସ୍ତ କ୍ଷେତ୍ରରେ ନାରୀ ତା'ର ପାରଦର୍ଶିତା ଦେଖାଇପାରିଛି। ଶିଶୁର ଲାଳନ ପାଳନ, ପାରିବାରିକ କର୍ମଠାରୁ ଆରମ୍ଭ କରି ଶିକ୍ଷାନୀତି, ରାଜନୀତି, ଅର୍ଥନୀତି, ଆଇନ, ଚିକିତ୍ସା, ଶିଳ୍ପ, ବିଜ୍ଞାନ, ସାହିତ୍ୟ, ଗବେଷଣା ଓ ସର୍ବୋପରି ପ୍ରତିରକ୍ଷାକ୍ଷେତ୍ରରେ ମଧ୍ୟ ସେ ସମାନ ଯୋଗ୍ୟତା ହାସଲ କରିଛି। ରାଜନୀତି କ୍ଷେତ୍ରରେ ସେ ପଞ୍ଚାୟତଠାରୁ ଆରମ୍ଭ କରି ପାର୍ଲାମେଣ୍ଟ ପର୍ଯ୍ୟନ୍ତ ନିଜର ସ୍ଥାନ ବଜାଇ ରଖିଛି। ପୁରୁଷ ସହ ସମକକ୍ଷ ଓ ସମଯୋଗ୍ୟ ହୋଇ ସମାଜର ପ୍ରତ୍ୟେକ ସ୍ତରରେ ନିଜର ମୌଳିକ ଅଧିକାରକୁ ସାବ୍ୟସ୍ତ କରିବାକୁ ଆଗେଇ ଆସିଛି। ଏତେ ପ୍ରକାର ଉଦ୍ୟମ ସତ୍ତ୍ୱେ ଆମ ଭାରତୀୟ ସମାଜ ଏକ ପୁରୁଷପ୍ରଧାନ ସମାଜ ହୋଇରହିଛି। ନାରୀଶିକ୍ଷାର ଯେତିକି ପ୍ରସାର ଘଟୁଛି ସେହି ପରିମାଣରେ ତା'ଉପରେ ହିଂସା ବି ବୃଦ୍ଧି ପାଇବାରେ ଲାଗିଛି। ଯୌତୁକ ନିର୍ଯ୍ୟାତନା, ଧର୍ଷଣ, ବିବାହର ମିଥ୍ୟାପ୍ରତିଶ୍ରୁତି ଦେଇ ଶାରୀରିକ ସମ୍ବନ୍ଧରଖି ଶେଷରେ ବିବାହ ପାଇଁ ମନା କରିଦେବା ଓ ପୁରୁଷଦ୍ୱାରା ଠକାମିର ଶିକାର ଆଦି ଅନେକ ହିଂସା ମହିଳାମାନଙ୍କ ଉପରେ ଘଟୁଛି। ଏହାକୁ ବନ୍ଦ କରିବା ପାଇଁ ସବୁ ସ୍ତରରେ ଚେଷ୍ଟା କରାଯାଉଛି।

ସେହିଭଳି ଇନ୍‌ଷ୍ଟିଚ୍ୟୁଟ୍ ଫର୍ ସୋସିଆଲ୍ ଡେଭଲପ୍‌ମେଣ୍ଟ (ଆଇ.ଏସ୍.ଡି) ଦ୍ୱାରା ପରିଚାଳିତ ସଖୀ, ୱାନ ଷ୍ଟପ ସେଣ୍ଟର, କଟକ ତରଫରୁ ମହିଳାମାନଙ୍କ ଉପରେ ହେଉଥିବା ହିଂସାକୁ କିଭଳି ରୋକାଯାଇପାରିବ ଓ ହିଂସା ପୀଡ଼ିତା ମହିଳାମାନେ କିଭଳି ସହାୟତା ପାଇପାରିବେ ସେ ସମ୍ବନ୍ଧରେ ତା'ର ପ୍ରୟାସ ଜାରୀ ରଖିଛି। ୨୦୧୯ ମସିହା ମାର୍ଚ୍ଚ ୮ ତାରିଖରେ ଆରମ୍ଭ କରାଯାଇଥିବା 'ସଖୀ' କେନ୍ଦ୍ରକୁ ଏବେ ୩ ବର୍ଷ ପୂରିଲା। ବିଗତ ୩ ବର୍ଷ ମଧ୍ୟରେ ଏଠାରେ ମୋଟ ୬୦୦ ଅଭିଯୋଗ ପଞ୍ଜିକରଣ ହୋଇଥିଲାବେଳେ ସେ ମଧ୍ୟରୁ ୩୯୯ଟି ଅଭିଯୋଗ ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି। ସଖୀର ପ୍ରଚେଷ୍ଟାରେ ୯୦ ଜଣ ମହିଳାଙ୍କୁ ଡାକ୍ତରୀ ଚିକିତ୍ସା ଯୋଗାଇ ଦିଆଯାଇଥିବାବେଳେ ୬୬ଜଣ ମହିଳାଙ୍କୁ ଆଇନ୍‌ଗତ ସୁବିଧା ମଧ୍ୟ ଯୋଗାଇ ଦିଆଯାଇଛି। କଟକ ଜିଲ୍ଲାର ବିଭିନ୍ନ ସହରାଞ୍ଚଳ ଓ ଗ୍ରାମାଞ୍ଚଳ ଆଦି ଅଞ୍ଚଳରେ ମହିଳା ହିଂସା ଓ ତା'ର ପ୍ରତିକାର ସମ୍ବନ୍ଧୀୟ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମମାନ ଆୟୋଜନ କରାଯାଉଛି। 'ସଖୀ' କେନ୍ଦ୍ରର ଏହି ପ୍ରୟାସ ଆଗାମୀ ଦିନମାନଙ୍କରେ ଜାରୀ ରହିବ ବୋଲି ମୋର ଦୃଢ଼ ବିଶ୍ୱାସ।

ଏହି କାର୍ଯ୍ୟକ୍ରମର ସଫଳତା ପାଇଁ ଏଥିରେ ଜଡ଼ିତ ସମସ୍ତ ଅନୁଷ୍ଠାନ ଯଥା- କଟକ ଜିଲ୍ଲାପ୍ରଶାସନ, ଏସ୍.ସି.ବି. ମେଡିକାଲ ଓ ହସ୍‌ପିଟାଲର ସମସ୍ତ କର୍ମକର୍ତ୍ତା, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ, ପୋଲିସ୍ ପ୍ରଶାସନ, ଶିଶୁସୁରକ୍ଷା ଅଧିକାରୀ, ସୁରକ୍ଷା ଅଧିକାରୀ, ଜିଲ୍ଲା ଶିଶୁ ମଙ୍ଗଳ କମିଟି, ସ୍ୱାଧାରଗୃହ ଓ ମମତା ସ୍ୱଚ୍ଛରହଣୀ ଗୃହ ଆଦିଙ୍କୁ ସେମାନଙ୍କର ସହଯୋଗ ପାଇଁ ଧନ୍ୟବାଦଜଣାଉଛି।

'ସଖୀ' କେନ୍ଦ୍ରକୁ ପରିଚାଳନା କରିବା ପାଇଁ ଆଇ.ଏସ୍.ଡି କୁ ସମସ୍ତ ସହଯୋଗ ଯୋଗାଇ ଦେଇଥିବାରୁ ମୁଁ, ଜିଲ୍ଲାପାଳ, କଟକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ, ନିର୍ଦ୍ଦେଶକ ମାନସିକ ସ୍ୱାସ୍ଥ୍ୟ ପ୍ରତିଷ୍ଠାନ, କର୍ତ୍ତୃପକ୍ଷ ଏସ୍.ସି.ବି. ମେଡିକାଲ କଲେଜ ଆଦିଙ୍କୁ କୃତଜ୍ଞତା ଜଣାଉଛି। ଶେଷରେ ଏହି କାର୍ଯ୍ୟକ୍ରମର ସଫଳତା ପଛରେ 'ସଖୀ' କେନ୍ଦ୍ରରେ ୨୪ X ୭ ଘଣ୍ଟିଆ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନଙ୍କୁ ମୋର ଆନ୍ତରିକ ଧନ୍ୟବାଦ ସହ ଶୁଭେଚ୍ଛା ଜଣାଉଛି।

ଶୁଭଶ୍ରୀ ଦାସ
(ଶୁଭଶ୍ରୀ ଦାସ)

# MESSAGE



**ଶ୍ରୀମତୀ ନିରୂପମା ବେହେରା**
ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ
କଟକ

"ସଖୀ" ୱାନ ଷ୍ଟପ୍ କେନ୍ଦ୍ରର ୩ ବର୍ଷ ପୂର୍ତ୍ତି ଅବସରରେ ମୁଁ ଏହି କେନ୍ଦ୍ର ସହିତ ଜଡ଼ିତ ସମସ୍ତ କାର୍ଯ୍ୟକର୍ତ୍ତାମାନଙ୍କୁ ଶୁଭେଚ୍ଛା ଜଣାଉଛି । ପ୍ରତି ବର୍ଷ ଭଳି ଏ ବର୍ଷ "ସଖୀ"ର ରିପୋର୍ଟରେ ସଖୀ କେନ୍ଦ୍ରର ସମସ୍ତ ତଥ୍ୟ ସ୍ଥାନ ପାଇଛି । ସର୍ବସାଧାରଣଙ୍କ ଅବଗତି ନିମନ୍ତେ ତଥ୍ୟ ପ୍ରକାଶ କରିବା ଏକ ସ୍ୱାଗତ ଯୋଗ୍ୟ ପଦକ୍ଷେପ। ବିଗତ ୩ ବର୍ଷ ମଧ୍ୟରେ ସଖୀ କଟକ କେନ୍ଦ୍ରର କାର୍ଯ୍ୟକ୍ରମ ବେଶ୍ ସଫଳ ହୋଇପାରିଛି। କୋଭିଡ୍ ସମୟରେ ଏହି ସଂସ୍ଥା ତାର ୨୪ X ୭ ଘଣ୍ଟିଆ କାର୍ଯ୍ୟକ୍ରମ ଜାରି ରଖିପାରିଥିଲା । ମୋର ମନେ ଅଛି କରୋନାର ଦ୍ୱିତୀୟ ଲହର ସମୟରେ ଜଣେ ୯ ମାସର ଗର୍ଭବତୀ ମହିଳା ଓ ତା' ସାଙ୍ଗରେ ୮ ଓ ୫ ବର୍ଷର ଦୁଇଟି ଛୁଆ ସ୍ଥାନୀୟ ପୋଲିସ୍ ଦ୍ୱାରା ଉଦ୍ଧାର ହୋଇଥିଲେ । ପୋଲିସ୍ ଏ ସମ୍ବନ୍ଧରେ ମୋତେ ଜଣାଇବା ପରେ ମୁଁ ତୁରନ୍ତ ସେମାନଙ୍କୁ ସଖୀ କେନ୍ଦ୍ରରେ ଥଇଥାନ କରିବା ବ୍ୟବସ୍ଥା କରିବା ସଙ୍ଗେ ସଙ୍ଗେ ସେମାନଙ୍କୁ ଉପଯୁକ୍ତ ଡାକ୍ତରୀ ଚିକିତ୍ସା ଯୋଗାଇ ଦେବା ପାଇଁ ପରାମର୍ଶ ଦେଇଥିଲି। ଆଉ ଏକ ଘଟଣାରେ ମଧ୍ୟ ଏକ ମାନସିକବିକାରଗ୍ରସ୍ତ ମହିଳା କଟକର ଏକ ଜନଗହଳିପୂର୍ଣ୍ଣ ସ୍ଥାନରେ ଅର୍ଦ୍ଧନଗ୍ନ ଅବସ୍ଥାରେ ପଡ଼ିରହିଥିବାର କିଛି ସ୍ଥାନୀୟ ଲୋକ ମୋତେ ଜଣାଇ ଥିଲେ, ଏ କ୍ଷେତ୍ରରେ ବି ଆମେ ସଖୀର ସହଯୋଗ ନେଇ ମହିଳାଟିକୁ ସେଠାରୁ ତୁରନ୍ତ ଉଦ୍ଧାର କରି ତାକୁ ଉପଯୁକ୍ତ ଚିକିତ୍ସା ଯୋଗାଇ ଦେଇଥିଲୁ। ଏହିଭଳି ଅନେକ ଘଟଣାକୁ "ସଖୀ" କେନ୍ଦ୍ର ଅସମୟରେ ସହାୟତା ଯୋଗାଇ ଦେଇଆସୁଛି । ଏହି କେନ୍ଦ୍ର ମାଧ୍ୟମରେ ଜଣେ ହିଂସା ପୀଡ଼ିତା ମହିଳାଟିକୁ ସହଜରେ ଡାକ୍ତରୀ ସୁବିଧା, ଆଇନ୍ ସହାୟତା, ପୋଲିସର ସହଯୋଗ ଆଦି ଗୋଟିଏ ସ୍ଥାନରୁ ମିଳିପାରୁଛି । ଆଇନ ସମ୍ବନ୍ଧୀୟ ପରାମର୍ଶ ଓ ପୀଡ଼ିତାଟିକୁ ସାମାଜିକ ଓ ମନସ୍ତାତ୍ତ୍ୱିକ ପରାମର୍ଶ ଠିକ୍ ସମୟରେ ଦିଆଯାଉଥିବାରୁ ଆଜି ଅନେକ ମହିଳାଙ୍କର ଉଜୁଡ଼ି ଯାଉଥିବା ସଂସାର ସଜାଡ଼ି ହୋଇପାରୁଛି । ସଖୀ କେନ୍ଦ୍ରର ୩ ବର୍ଷ ପୂର୍ତ୍ତି ଅବସରରେ ମୁଁ ଆଇ.ଏସ୍.ଡି. ଓ ଏହି କେନ୍ଦ୍ରରେ କାର୍ଯ୍ୟରତ ସମସ୍ତ କର୍ମକର୍ତ୍ତାମାନଙ୍କୁ ଅଭିନନ୍ଦନ ଜଣାଉଛି ।



**Shri B. Jugal Kishore, IPS**
Superitendent of Police,
CUTTACK

I am happy to know that Sakhi-One Stop Centre is going to complete three years since its inauguration. Sakhi is another step towards stopping harassment of women and providing better disposal of their complaints. Women are being given all solutions and help in one place. At the Sakhi Centre, they are being counseled, given medical attention and provided with information about Govt. schemes.

I express my gratitude towards the members of Sakhi for their immense contribution for women in distress and wish them all success in their service to the society.



**Ms. Bijaya Sahoo**
IIC, Olatpur PS

I whole heartedly support the motto of 'Sakhi' One Stop Center which works for women in need and congratulate to all the staff and member of 'Sakhi.

I tender my best wishes for the development of 'Sakhi' One Stop Center, Cuttack, Odisha.

# MESSAGE



**ଶ୍ରୀମତୀ ନିବେଦିତା ପଟ୍ଟନାୟକ**
ଅଧ୍ୟକ୍ଷା, ଆଇ.ଏସ୍.ଡି.

ମାର୍ଚ୍ଚ ୮ ତାରିଖରେ 'ସଖୀ' କେନ୍ଦ୍ରକୁ ତିନିବର୍ଷ ପୁରି ୪ ଚାଲିବ। ଚାହୁଁଚାହୁଁ ୩ ବର୍ଷ ବିତିଗଲାଣି ତା ଭିତରେ ଆମେ ୨ବର୍ଷର କରାଳ କୋଭିଡ୍ ମହାମାରୀର ସମ୍ମୁଖିନ ହେଇଛୁ। କୋଭିଡ୍ ସମୟରେ ସବୁଆଡ଼େ ଭୟର ବାତାବରଣ ସୃଷ୍ଟି ହୋଇଥିଲା, ଲୋକମାନେ ଘରୁ ବାହାରୁନଥିଲେ କିନ୍ତୁ ସେତେବେଳେ ବି 'ସଖୀ' ତାର କାର୍ଯ୍ୟକଳାପ ଚାଲୁରଖିଥିଲା। ଅଜଣା ଅଶୁଣା ମହିଳାଟି ଆସି ପହଞ୍ଚିଲେ କୋଭିଡ୍‌କୁ ଭୟ ନକରି ତାକୁ ଦରକାର ମୁତାବକ ସେବା ଯୋଗାଇଦେଇଛି, ଏଥିପାଇଁ ମୁଁ ସଖୀର ସମସ୍ତ କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେଉଛି। ମହିଳାଙ୍କ ପ୍ରତି ସମ୍ବେଦନଶୀଳ ହୋଇ ସେମାନଙ୍କ ସମସ୍ୟାକୁ ହୃଦୟଙ୍ଗମ କରି ସଖୀ ତାର ପରିଚୟ, ପ୍ରତିଷ୍ଠା ବଜାୟ ରଖିଛି। ଦିନ ରାତି ୨୪ଘଣ୍ଟା ଧରି ନିରବଚ୍ଛିନ୍ନ ଭାବରେ ମହିଳାଙ୍କ ପାଇଁ 'ସଖୀ' ତାର ଦ୍ୱାର ଖୋଲାରଖି ସେମାନଙ୍କୁ ସହାନୁଭୂତି, ସାହାଯ୍ୟ, ସହଯୋଗ ଯୋଗାଇ ଦେବା 'ସଖୀ'ର ଲକ୍ଷ୍ୟ। ମୁଁ ଆଶା କରୁଛି ଆଗାମୀ ସମୟରେ ଆମେ ଏହି ଲକ୍ଷ୍ୟକୁ ସଫଳତାର ସହ ସାଧନ କରି ଓଡ଼ିଶାରେ ପ୍ରତିଷ୍ଠିତ କରାଇ ପାରିବୁ। ସଖୀ ର ସମସ୍ତ ସଫଳତା କାମନା କରୁଛି।



**Dr. Satyabrata Chhotaray**
MS Surgery
Chief District Medical and
Public Health Officer, Cuttack

I am glad to know that Sakhi – One Stop Centre functioning with the help of Institute for Social Development and District Administration at SCB MCH Campus Cuttack since March 2019 and completed 3rd years of excellent service.

During the pandemic COVID-19 situation, Sakhi – One Stop Centre is rendering tele-counselling to aggrieved victims, Psychological and Social support, Medical as well as Legal Assistance etc. at one roof to those women facing any kind of violence, due to sexual harassment, domestic violence. Sakhi One Stop Centre took place a great example of social upliftment and empowerment of women.

I wish all the members associated with Sakhi for such noble endeavour.



**Dr. Lucy Das**
Medical Superintendent
SCB Medical College
& Hospital, Cuttack

I am glad to know that Sakhi One Stop Center managed by Institute for Social Development is going to issue its 3rd Annual Report. Since 3 years, Sakhi One Stop Center, Cuttack has been taking a great initiative and has played an important role in serving the violence affected women by providing medical, police, legal assistance, short term shelter (if necessary) with psycho social counseling and rehabilitation support. It has provided services to almost all the urban and rural areas of Cuttack district.

This is really appreciable. I congratulate Sakhi One Stop Center for its sincere and dedicated service and wish success to all the members associated with Sakhi One Stop Center so that, they can continue this noble work in coming days.

# MESSAGE



**Prof (Dr.) Sarada Prasanna Swain**
Director cum-Medical Superintendent
M.H.I (COE), SCBMCH,
Cuttack

The One Stop Center "SAKHI", Cuttack which is situated inside the premises of Mental Health Institute (Center of Excellence) is working to restore the rights of women in society by resolving the personal, financial and legal disputes in the life of a distress woman at the time of crises.

I am associated with the center from the day of inauguration and watching the activities of the organization everyday. Providing service to around 200 women in a year and resolving half of the cases is quite a praiseworthy task. In all cases registered, mental health play a major role for which special care is required for safety and rehabilitation which should be future target. In addition, reach out to the community at door step to provide the service should be the future targets also, mostly the socio educational and cultural background of the victim.

I congratulate all the members of "Sakhi" who are working to make the assignment successful and wish them future prospect with hard work and effort to make it an ideal center in the country.



**Ms. Mandakini Jema**
Chairperson
CWC, Cuttack

**SAKHI**

S - Source of service for women
A - Attitude to care
K - Kind towards survivors
H - Humble/Honest towards vulnerable
I - Intimate/friendly towards survivors

I convey my good wishes to all the care givers of Sakhi. I feel proud being in touch with Sakhi. You have proved yourself in your work. Re-uniting the disturbed family and providing help to sexual abuse victims.

Keep sensitizing the intellectuals and public at large regarding the Sakhi. You have grown but yet miles to go… Let every house know about Sakhi and get benefits provided for the vulnerable women and establish the actual rights of women in need. Every women need to know that they are not alone. Sakhi is with them always.

Wish you all success to grow as a strong sector.

# MESSAGE



**Ms. Manjulata Nayak**
Protection Officer

It's a matter of great pleasure that Sakhi- One Stop Centre a joint programme of District administration Cuttack and Institute for Social Development (ISD) has successfully completed 3 years. I am privileged to have been directly connected with various activities of Sakhi since last 2 years.

Sakhi - One Stop Center aims to support those women who are subjected to various kinds of violence. The support includes counselling, legal aid, medical assistance and short term shelter. I am glad that Sakhi - One Stop Center is doing a noble job to protect women and will continue doing such in future too.

I congratulate staffs of Sakhi putting their best efforts to work dedicatedly on this issues. Their professional skills and valuable counselling have saved many families in setting their foot for a glorious future.

I wish all members of Sakhi a great success in this noble venture.



**Mr. Rabindranath Meher**
IIC
Jagatpur Police station,
Cuttack.

I'm so thrilled to hear that Sakhi One Stop Center, Cuttack, has completed 03 years of its noble service towards the society in serving for violence affected women and girls. In this 03 years, Sakhi One Stop Center has dealt with different types of cases like Domestic Violence, Rape, Acid attack, Trafficing, Child Sexual Abuse, Child marriage, Missing/Kidnapping, Cyber Crime, Dowry Harassment etc. and has provided medical, legal and police assistance, psycho social counseling, short term shelter and rehabilitation support to needy women.

Congratulations on this incredible success. Sakhi has definitely created its own identity by it's dedicated service. I wish all the best to all the members associated with Sakhi and wishing many more success in future.



**Mr. Sudhanshu Bhusan Jena**
IIC
Sadar Police station

With my immense pleasure, I would like to congratulate to 'Sakhi' One Stop Centre located inside SCB, MCH, Cuttack has accomplished 03 years benevolent journey towards rescue of destitute and aggrieved victims. It is complete an outstanding victory of the Organization, who have extended their co-operation and assistance wholeheartedly to the helpless victims, especially during pandemic period. It is amazing, all the members who have sacrificed their much of time for the welfare of women and children, who are in distress and psychological trauma during Covid period. "Sakhi' is now only weapon to stem the rising tide of violence to the women as well as children in the society. It is indeed praiseworthy for their selfless effort and excellent work in the arena of women. Wishing them all success.

# 3 Years at a Glance

## CASE REGISTRATION STATUS

### 2019-2020

| Month | Number of Cases |
|---|---|
| Mar-19 | 05 |
| Apr-19 | 09 |
| May-19 | 15 |
| Jun-19 | 15 |
| Jul-19 | 15 |
| Aug-19 | 16 |
| Sep-19 | 13 |
| Oct-19 | 21 |
| Nov-19 | 16 |
| Dec-19 | 18 |
| Jan-20 | 18 |
| Feb-20 | 15 |
| **Total** | **176** |

### 2020-2021

| Month | Number of Cases |
|---|---|
| Mar-20 | 14 |
| Apr-20 | 12 |
| May-20 | 26 |
| Jun-20 | 18 |
| Jul-20 | 13 |
| Aug-20 | 24 |
| Sep-20 | 28 |
| Oct-20 | 11 |
| Nov-20 | 14 |
| Dec-20 | 16 |
| Jan-21 | 17 |
| Feb-21 | 12 |
| **Total** | **205** |

### 2021-2022

| Month | Number of Cases |
|---|---|
| Mar-21 | 27 |
| Apr-21 | 19 |
| May-21 | 14 |
| Jun-21 | 13 |
| Jul-21 | 28 |
| Aug-21 | 23 |
| Sep-21 | 14 |
| Oct-21 | 17 |
| Nov-21 | 17 |
| Dec-21 | 18 |
| Jan-22 | 12 |
| Feb-22 | 17 |
| **Total** | **219** |

## CASE RESOLVED STATUS

### 2019-2020

| Month | Number of Cases |
|---|---|
| Mar-19 | 05 |
| Apr-19 | 08 |
| May-19 | 15 |
| Jun-19 | 08 |
| Jul-19 | 11 |
| Aug-19 | 13 |
| Sep-19 | 12 |
| Oct-19 | 10 |
| Nov-19 | 12 |
| Dec-19 | 14 |
| Jan-20 | 14 |
| Feb-20 | 12 |
| **Total** | **134** |

### 2020-2021

| Month | Number of Cases |
|---|---|
| Mar-20 | 08 |
| Apr-20 | 07 |
| May-20 | 12 |
| Jun-20 | 08 |
| Jul-20 | 06 |
| Aug-20 | 15 |
| Sep-20 | 19 |
| Oct-20 | 08 |
| Nov-20 | 11 |
| Dec-20 | 10 |
| Jan-21 | 13 |
| Feb-21 | 09 |
| **Total** | **126** |

### 2021-2022

| Month | Number of Cases |
|---|---|
| Mar-21 | 16 |
| Apr-21 | 12 |
| May-21 | 09 |
| Jun-21 | 08 |
| Jul-21 | 16 |
| Aug-21 | 18 |
| Sep-21 | 09 |
| Oct-21 | 08 |
| Nov-21 | 10 |
| Dec-21 | 15 |
| Jan-22 | 08 |
| Feb-22 | 10 |
| **Total** | **139** |



# ଏ ବର୍ଷ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ

**(ମାର୍ଚ୍ଚ ୨୦୨୧ ଠାରୁ ଫେବୃୟାରୀ ୨୦୨୨ ପର୍ଯ୍ୟନ୍ତ)**

ମହିଳାମାନଙ୍କ ଉପରେ ହେଉଥିବା ହିଂସା ବା ନିର୍ଯ୍ୟାତନାକୁ ରୋକିବା ସଙ୍ଗେ ସଙ୍ଗେ ନିର୍ଯ୍ୟାତିତା ମହିଳାମାନଙ୍କୁ ସହଯୋଗର ହାତ ବଢ଼ାଇବା ନିମନ୍ତେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସଖୀ – ୱାନ୍ ଷ୍ଟପ୍ ସେଣ୍ଟର ଏକ ବିଶେଷ ପଦକ୍ଷେପ। ଏହା ଏକ ଏକକ ସହାୟତା କେନ୍ଦ୍ର ଓ ନିର୍ଯ୍ୟାତିତା ମହିଳାମାନଙ୍କ ନିମନ୍ତେ ୨୪ଘଣ୍ଟିଆ କାମ କରିଥାଏ। ନିର୍ଯ୍ୟାତିତା ମହିଳାମାନଙ୍କୁ ଠିକ୍ ସମୟରେ ଉପଯୁକ୍ତ ପରାମର୍ଶ ଦେବା ସହିତ ତା'ର ସମସ୍ୟାକୁ ଉପଯୁକ୍ତ ଭାବେ ଗ୍ରହଣ କରି ତାକୁ ନ୍ୟାୟ ଦେବାରେ ଏହି କେନ୍ଦ୍ର ଏକ ପ୍ରମୁଖଭୂମିକା ଗ୍ରହଣ କରିଛି। ନିମ୍ନରେ ଏ ବର୍ଷରେ 'ସଖୀ' କେନ୍ଦ୍ରରେ ପଞ୍ଜିକୃତ ହୋଇଥିବା ଅଭିଯୋଗ ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା।

**୧.** ସମୁଦାୟ ପଞ୍ଜିକୃତ ହୋଇଥିବା ଅଭିଯୋଗ ସଂଖ୍ୟା

| ମାସର ନାମ | ପଞ୍ଜିକୃତ ଅଭିଯୋଗ |
|---|---|
| ମାର୍ଚ୍ଚ | ୨୭ |
| ଏପ୍ରିଲ | ୧୯ |
| ମଇ | ୧୪ |
| ଜୁନ | ୧୩ |
| ଜୁଲାଇ | ୨୮ |
| ଅଗଷ୍ଟ | ୨୩ |
| ସେପ୍ଟେମ୍ବର | ୧୪ |
| ଅକ୍ଟୋବର | ୧୭ |
| ନଭେମ୍ବର | ୧୭ |
| ଡିସେମ୍ବର | ୧୮ |
| ଜାନୁଆରୀ | ୧୨ |
| ଫେବୃୟାରୀ | ୧୭ |
| **ସମୁଦାୟ** | **୨୧୯** |




**୨.** ପରାମର୍ଶ ମାଧ୍ୟମରେ ସମାଧାନ ହୋଇଥିବା ଅଭିଯୋଗ ସଂଖ୍ୟା

| ମାର୍ଚ୍ଚ | ଏପ୍ରିଲ | ମଇ | ଜୁନ | ଜୁଲାଇ | ଅଗଷ୍ଟ |
|---|---|---|---|---|---|
| ୧୬ | ୧୨ | ୦୯ | ୦୮ | ୧୬ | ୧୮ |

| ସେପ୍ଟେମ୍ବର | ଅକ୍ଟୋବର | ନଭେମ୍ବର | ଡିସେମ୍ବର | ଜାନୁୟାରୀ | ଫେବୃୟାରୀ |
|---|---|---|---|---|---|
| ୦୯ | ୦୮ | ୧୦ | ୧୫ | ୦୮ | ୧୦ |



୩. ବିଭିନ୍ନ ପ୍ରକାରର ହିଂସାରେ ପୀଡ଼ିତା ମହିଳାମାନେ ସେମାନଙ୍କ ଅଭିଯୋଗ ନେଇ ଆସିଥାନ୍ତି । ନିମ୍ନରେ ହିଂସାର ପ୍ରକାର ସମ୍ବନ୍ଧୀୟ ପରିସଂଖ୍ୟାନ ଦିଆଗଲା ।

| ହିଂସାର ପ୍ରକାର | ସଂଖ୍ୟା |
|---|---|
| ପାରିବାରିକ ହିଂସା | ୧୬୩ |
| ଦୁଷ୍କର୍ମ | ୦୯ |
| ଯୌନ ନିର୍ଯ୍ୟାତନା | ୦୦ |
| ସାଇବର ଠକେଇ | ୦୦ |
| ଅପହରଣ ଏବଂ ନିରୁଦ୍ଦିଷ୍ଟ | ୧୪ |
| ଯୌତୁକ ନିର୍ଯ୍ୟାତନା | ୦୧ |
| ଅନ୍ୟାନ୍ୟ | ୨୯ |




୪. ନିର୍ଯ୍ୟାତିତା ମହିଳାଟି ଯେତେବେଳେ ସେ ତା'ର ଅଭିଯୋଗ ନେଇ ସଖୀ କେନ୍ଦ୍ରକୁ ଆସିଥାଏ ତାକୁ ତୁରନ୍ତ ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ ଯୋଗାଇଦେବା ସଙ୍ଗେ ଅଭିଯୋଗଟିର ଶୁଣାଣୀକରି ସେ ଚାହୁଁଥିବା ସହାୟତା ମାନ ଯୋଗାଇ ଦିଆଯାଇଥାଏ । ଏହି ବର୍ଷ ଯୋଗାଇ ଦିଆଯାଇଥିବା ବିଭିନ୍ନ ସହାୟତା ସମ୍ବନ୍ଧୀୟ ପରିସଂଖ୍ୟାନ ର ସଂଖ୍ୟା ନିମ୍ନରେ ଦିଆଯାଇଛି ।

| ସହଯୋଗର ନାମ | ସଂଖ୍ୟା |
|---|---|
| ଆଇନଗତ ସହାୟତା | ୪୦ |
| ଡାକ୍ତରୀ ଚିକିତ୍ସା ସମ୍ବନ୍ଧୀୟ ସୁବିଧା | ୩୧ |
| ସ୍ୱାଧାର ଗୃହରେ ରହିବାର ବ୍ୟବସ୍ଥା | ୩୯ |
| ପୋଲିସ ସହାୟତା | ୫୪ |
| ମନସ୍ତାତ୍ତ୍ୱିକ ଓ ସାମାଜିକ ପରାମର୍ଶ | ୨୧୯ |
| ଅନ୍ୟାନ୍ୟ | ୦୪ |




୫. ବିଭିନ୍ନ ଶିକ୍ଷାଗତ ଯୋଗ୍ୟତା ଥାଇ ମଧ୍ୟ ମହିଳାମାନେ ନିର୍ଯ୍ୟାତନାର ଶିକାର ହେଉଛନ୍ତି । ସେହି ବର୍ଗରୁ କେତେଜଣ ମହିଳା ସେମାନଙ୍କର ପଞ୍ଜୀକରଣ କରିଛନ୍ତି ଓ କେଉଁ ବର୍ଗରୁ କେତେ ଜଣ ମହିଳା ନିଜର ଅଭିଯୋଗ ନେଇ ଆସିଛନ୍ତି ସେ ସମ୍ବନ୍ଧୀୟ ପରିସଂଖ୍ୟାନ ନିମ୍ନରେ ଦିଆଗଲା ।

| ଯୋଗ୍ୟତା | ସଂଖ୍ୟା |
|---|---|
| କିଛି ପଢି ଲେଖି ଜାଣି ନାହାଁନ୍ତି | ୨୮ |
| କେବଳ ଦସ୍ତଖତ ଜାଣନ୍ତି | ୦୫ |
| ପ୍ରାଥମିକ | ୨୦ |
| ମାଧ୍ୟମିକ | ୬୬ |
| ଇଣ୍ଟର ମିଡିଏଟ୍ | ୩୪ |
| ସ୍ନାତକ | ୪୪ |
| ସ୍ନାତକୋତ୍ତର | ୧୩ |
| ବୃତ୍ତିଗତ ପେଷା | ୦୯ |

| ବର୍ଗ | ସଂଖ୍ୟା |
|---|---|
| ସାଧାରଣ | ୯୧ |
| ଓ.ବି.ସି | ୪୦ |
| ଅନୁସୂଚିତ ଜାତି | ୫୯ |
| ଅନୁସୂଚିତ ଜନଜାତି | ୦୫ |
| ଖ୍ରୀଷ୍ଟିୟାନ | ୦୫ |
| ମୁସ୍‌ଲିମ | ୧୯ |

୬. ଏହି କେନ୍ଦ୍ରକୁ ଅଭିଯୋଗ ନେଇ ଆସୁଥିବା ଅନେକ ମହିଳା ବିଭିନ୍ନ ମାଧ୍ୟମରେ ଆସିଥାନ୍ତି। ମୋଟ ଆସିଥିବା ୨ ୧ ୯ ଜଣ ମହିଳାଙ୍କ ମଧ୍ୟରୁ କିଏ କାହା ମାଧ୍ୟମରେ ବା କେଉଁମାନେ ଏହି ମହିଳାମାନଙ୍କୁ ଏଠାକୁ ପଠାଇଥିବାରେ ସାହାଯ୍ୟ କରିଛନ୍ତି ନିମ୍ନରେ ତା'ର ଏକ ପରିସଂଖ୍ୟାନ ଦିଆଗଲା –

| ମହିଳାମାନଙ୍କୁ ପଠାଇ ଥିବା ସଂସ୍ଥାର ନାମ | ସଂଖ୍ୟା |
|---|---|
| ପୋଲିସ୍ | ୭୮ |
| ସ୍ୱେଚ୍ଛାସେବୀ ଅନୁଷ୍ଠାନ / ସାମାଜିକ କର୍ମୀ | ୦୬ |
| ୧୮୧ ମହିଳା ହେଲ୍ପଲାଇନ୍ | ୬୦ |
| ସୁରକ୍ଷା ଅଧିକାରୀ | ୦୬ |
| ଅନ୍ୟ ଜିଲ୍ଲା ଓ୍ୱାନ୍‌ଷ୍ଟପ୍ ସେଣ୍ଟର | ୦୮ |
| ଡାକ୍ତର | ୧୮ |
| ସି.ଡବ୍ଲ୍ୟୁ.ସି | ୦୨ |
| ଗଣମାଧ୍ୟମ | ୦୮ |
| ମହିଳାଟି ନିଜେ ଆସିଛି | ୨୬ |
| ପୂର୍ବ ପୀଡ଼ିତା | ୦୫ |
| ଅନ୍ୟ | ୦୨ |




୭. ନିମ୍ନରେ କେଉଁ ବୟସର କେତେ ଜଣ ସେମାନଙ୍କର ଅଭିଯୋଗ ପଞ୍ଜୀକୃତ କରିଛନ୍ତି ତାହାର ତଥ୍ୟ ଦିଆଗଲା।

| ବୟସ | ସଂଖ୍ୟା |
|---|---|
| ୧୮ରୁ କମ୍ ବୟସ | ୧୩ |
| ୧୯ରୁ ୩୫ ବର୍ଷ ମଧ୍ୟରେ | ୧୪୬ |
| ୩୬ରୁ ୬୦ବର୍ଷ ମଧ୍ୟରେ | ୫୪ |
| ୬୦ ବର୍ଷରୁ ଅଧିକ | ୦୬ |




ଅଭିଯୋଗ ନେଇ ଆସୁଥିବା ମହିଳାକୁ ସବୁପ୍ରକାର ସହାୟତା ସଖୀ ତରଫରୁ ଯୋଗାଇ ଦିଆଯାଇଥାଏ। ଗୃହ ପରିଦର୍ଶନ ମାଧ୍ୟମରେ ସଖୀରେ କାର୍ଯ୍ୟରତ କେସ୍ ଓ୍ୱାର୍କରମାନେ ଉଭୟପକ୍ଷର ଜଡିତ ବ୍ୟକ୍ତିବିଶେଷଙ୍କୁ ଅନୁଧ୍ୟାନ କରିପାରନ୍ତି। ସମସ୍ୟାର ସମାଧାନ ପରେ ମହିଳାଟି କିପରି ଅଛି ତା ପରିବାରର ଲୋକମାନଙ୍କର ତା ପ୍ରତିଥିବା ବ୍ୟବହାର କିଭଳି ପରିବର୍ତ୍ତନ ହୋଇଛି ଏସବୁ ଅନୁଧ୍ୟାନ କରିବାପାଇଁ କେସ୍ ଓ୍ୱାର୍କରମାନଙ୍କୁ ମହିଳାଟିର ଘରକୁ ଯିବାକୁ ପଡିଥାଏ। ଗୃହ ପରିଦର୍ଶନ ବେଳେ ସ୍ଥାନୀୟ ପୋଲିସ୍, ଓ୍ୱାର୍ଡମେମ୍ବର ବା ସେହି ଅଞ୍ଚଳର ବିଶିଷ୍ଟ ବ୍ୟକ୍ତି ବିଶେଷଙ୍କୁ ସାମିଲ କରାଯାଇଥାଏ।

# ମତାମତ



ସ୍ମିତାଞ୍ଜଳୀ ସେଠୀ ଓ ପରିବାର

ଜୀବନର ବହୁତ ଆଶା ଓ ସ୍ୱପ୍ନଦେଖି ମୁଁ ବିବାହ କରିଥିଲି। ହେଲେ ମୋର ସ୍ୱପ୍ନ ସ୍ୱପ୍ନରେ ହିଁ ରହିଯାଇଥିଲା। ବାହାଘର ପରଠାରୁ ମୋର ସ୍ୱାମୀଙ୍କ ଘରେ ମୋତେ ଏତେ ଶାରୀରିକ ଓ ମାନସିକ ନିର୍ଯ୍ୟାତନା ଦିଆଯାଉଥିଲା ଯେ, ମୁଁ ଧିରେ ଧିରେ ମାନସିକ ରୋଗରେ ପୀଡ଼ିତ ହୋଇଛି ବୋଲି ଜାଣିବାକୁ ପାଇଲି। ମୋ ପରିବାର ଲୋକ ଯେତେବେଳେ ମୋର ଏ ଅବସ୍ଥା ଦେଖିଲେ ସେମାନେ ସଙ୍ଗେ ସଙ୍ଗେ ବଡ଼ମେଡିକାଲ ପରିସରରେ ଥିବା ମାନସିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପାଇଁ ଭର୍ତ୍ତି କରିଥିଲେ। ଚିକିତ୍ସା ସମୟରେ ଡାକ୍ତର ଜାଣିବାକୁ ପାଇଲେ ମୋ ଉପରେ ଘରୋଇ ହିଂସାର ପ୍ରଭାବ ଏତେ ଅଧିକ ଥିଲା ଯେ, ତାକୁ ଭାବି ଭାବି ବା ତା ଭିତରୁ ମୁକୁଳି ନପାରି ମୋ ଭିତରେ ମାନସିକ ରୋଗର ଲକ୍ଷଣ ପ୍ରକାଶ ପାଇଛି। ଡାକ୍ତର ଚିକିତ୍ସା କରୁଥିବା ସମୟରେ ମୋତେ 'ସଖୀ' କେନ୍ଦ୍ର ବିଷୟରେ କହି ସେଠାକୁ ଯିବାପାଇଁ ପରାମର୍ଶ ଦେଲେ। କିଛିଦିନ ପରେ ଡାକ୍ତରଙ୍କ ପରାମର୍ଶ ଅନୁଯାୟୀ ମୁଁ 'ସଖୀ' କେନ୍ଦ୍ରକୁ ଆସିଲି। ସଖୀକେନ୍ଦ୍ରର ପରାମର୍ଶଦାତ୍ରୀମାନେ ମୋର ସ୍ୱାମୀ ଓ ପରିବାର ବର୍ଗଙ୍କୁ ଡକାଇଲେ। ସେଠାରେ ବିଭିନ୍ନ ସମୟରେ ଆମକୁ କାଉନ୍‌ସେଲିଂ କରାଗଲା। ତା'ପରେ ମୋ ସ୍ୱାମୀ ତାଙ୍କ ଭୁଲ୍ ବୁଝିପାରିଥିଲେ। ସେ ମୋତେ ସାଙ୍ଗରେ ତାଙ୍କ ଘରକୁ ନେଇ ଉପଯୁକ୍ତ ଯତ୍ନନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବର୍ତ୍ତମାନ ମୁଁ ଭଲରେ ଅଛି ଏବଂ ଡାକ୍ତରୀ ଚିକିତ୍ସା ମଧ୍ୟ ଚାଲୁରହିଛି। 'ସଖୀ'ର କର୍ମକର୍ତ୍ତାମାନଙ୍କୁ ଧନ୍ୟବାଦ ଦେବି ଯାହାଙ୍କ ପାଇଁ ମୋର ବୈବାହିକ ଜୀବନରେ ଖୁସି ଆସିପାରିଛି।



ଯୋଗମାୟା ମିଶ୍ର ଓ ପରିବାର

ପାରିବାରିକ ସମସ୍ୟା ପାଇଁ ମୋ ମନ ପ୍ରାୟ ଭଲ ରହୁନଥିଲା। କେହିଜଣେ ଅନ୍ତରଙ୍ଗ ବନ୍ଧୁ ମୋତେ 'ସଖୀ' କେନ୍ଦ୍ର ବିଷୟରେ କହିଲେ। ଭାବିଲି ସେଠାକୁ ଯିବାପାଇଁ। କେମିତି ଯିବି, କ'ଣ କହିବି ଭାବିଭାବି ମୋତେ ଡର ଲାଗୁଥିଲା। ଦିନେ କିନ୍ତୁ ସାହାସ ଜୁଟାଇ 'ସଖୀ' କେନ୍ଦ୍ରର ଠିକଣା ଯୋଗାଡ଼କରି ସେଠାରେ ପହଞ୍ଚିଲି। ନିଜ ଘର କଥା କ'ଣ କହିବି କିଛି ଅସୁବିଧା କାଳେ ହୋଇଯିବ ଭାବି ପ୍ରଥମେ ପ୍ରଥମେ ଟିକେ ଡର ଲାଗୁଥିଲା। ହେଲେ ସେଠାରେ ଥିବା ମାଡାମ୍‌ମାନେ ମୋ ହାବଭାବ ଦେଖି ବୋଧହୁଏ ମୋତେ ଜାଣିପାରି ମୋ ସହିତ ବନ୍ଧୁତ୍ୱପୂର୍ଣ୍ଣ କଥାବାର୍ତ୍ତା ଆରମ୍ଭ କରିଦେଇଥିଲେ। ସେମାନଙ୍କ କଥାରେ ଧିରେଧିରେ ମୋର ସାହସ ଆସିଲା ଓ ମୁଁ ମୋର ସମସ୍ତ ଘଟଣା ବର୍ଣ୍ଣନା କଲି। ସେମାନେ ମୋତେ ପ୍ରତିଶ୍ରୁତି ଦେଲେ ବ୍ୟସ୍ତହୁଅନି ତୁମର କିଛି ହେବନି, ଆମେ ତୁମ ସ୍ୱାମୀ ଓ ପୁଅକୁ ଏଠାକୁ ଡକାଇବୁ ଓ ସେମାନଙ୍କ ସଙ୍ଗେ ବି କଥାହେବୁ। ତା'ର ଦୁଇଦିନପରେ ସେମାନେ ମୋତେ ଓ ମୋ ସ୍ୱାମୀକୁ ଡକାଇ ସମସ୍ତ କଥା ବୁଝିଲେ। ସେମାନେ ଆମ ଦୁହିଁଙ୍କୁ ଅନେକ ପରାମର୍ଶ ଦେଲେ। ଶେଷରେ ଆମେ ଆମର ଭୁଲ୍ ବୁଝିପାରିଲୁ। ମାଡାମ୍‌ମାନଙ୍କ ପରାମର୍ଶକୁ ମାନି ଆମେ ଆଜି ଏକାଠି ଅଛୁ। ଆମ ପରିବାର ଭିତରେ ଶାନ୍ତି ଫେରିଆସିଛି।

# ସଫଳ କାହାଣୀ

ନିମ୍ନରେ କେତେକ ପୀଡ଼ିତା ମହିଳାଙ୍କ ସଫଳ କାହାଣୀ ଦିଆଯାଇଛି । ସେମାନଙ୍କର ପ୍ରକୃତ ନାମ ଓ ଠିକଣା ବ୍ୟବହାର କରିବା ପରିବର୍ତ୍ତେ ଛଦ୍ମନାମ ବ୍ୟବହାର କରାଯାଇଛି ।

## ହସିଲା ସୁନାର ସଂସାର

ଘର ଗଢୁ ଗଢୁ ଲିପି ଓ ରାଜାଙ୍କ ମଧ୍ୟରେ ସମ୍ପର୍କ ଗଢ଼ିଉଠିଲା । ଦିନ ମଜୁରିଆ ଭାବରେ କାମ କରୁଥିବା ଲିପି ଓ ରାଜାଙ୍କ ସଂପର୍କ କୁ ଲିପିର ଘର ଲୋକେ ଗ୍ରହଣ କରିନଥିଲେ । ତେଣୁ ବାଧ୍ୟ ହୋଇ ଦୁଇଜଣ ଘରୁ ଲୁଚିକରି ଯାଇ ବିବାହ କରିଥିଲେ ଏବଂ ଘରଠାରୁ ଅଲଗା ରହୁଥିଲେ । ଝିଅଟିଏ ଜନ୍ମ ହେଲା ପରେ ରାଜାର ବ୍ୟବହାର ବଦଳିଗଲା । ଛୋଟ ଛୋଟ କଥାରେ ଝଗଡ଼ା କରିବା, ଲିପିକୁ ମାଡ଼ ମାରିବା, ମଦପିଇବା ଇତ୍ୟାଦି । ଧିରେ ଧିରେ ଏହା ବଢ଼ିବାକୁ ଲାଗିଲା, ଯାହା ଲିପି ପାଇଁ ଅସହ୍ୟ ହେଲା । ଦିନେ ଲପି, ରାଜାର ଅତ୍ୟାଚାର ସହି ନ ପାରି ନିଜେ ମଦ୍ୟପାନ କରି ଆତ୍ମହତ୍ୟା କରିବା ପାଇଁ ମହାନଦୀକୁ ଡେଇପଡ଼ିଲା । । ସେତେବେଳେ ସେଠାରେ ଉପସ୍ଥିତ ଥିବା ସ୍ଥାନୀୟ ଯୁବକମାନେ ତାକୁ ଉଦ୍ଧାର କରି ଥାନାରେ ପୋଲିସ୍ ଜିମା ଦେଲେ । ପୋଲିସ୍ ସେଇ ରାତିରେ ତାକୁ 'ସଖୀ' ସେଣ୍ଟରକୁ ପଠେଇଦେଲେ । ଲିପିକୁ ରାତିରେ ଖାଇବାକୁ ଦେବା ସହ ପୋଷାକ ମଧ୍ୟ ଯୋଗାଇ ଦିଆଯାଇଥିଲା । ସକାଳୁ ଲିପି ସମସ୍ତ କଥା ପରାମର୍ଶଦାତ୍ରୀଙ୍କୁ କହିଥିଲେ । ଲିପିଠାରୁ ସମସ୍ତ ଘଟଣା ଶୁଣିଲା ପରେ ସଖୀ ତରଫରୁ ରାଜାକୁ ଏହି କେନ୍ଦ୍ରକୁ ଆସିବାକୁ ଅନୁରୋଧ କରାଯାଇଥିଲା । ଅନେକ ବୁଝାସୁଝା ପରେ ରାଜା ସଖୀ କେନ୍ଦ୍ରରେ ତା'ପରଦିନ ପହଞ୍ଚିଥିଲେ । ଅନେକ ଥର କାଉନ୍ସେଲିଂ ପରେ ରାଜାର ପରିବର୍ତ୍ତନ ଆସିଥିଲା । ରାଜା ତାଙ୍କ ଭୁଲ୍ ବୁଝିପାରିଥିଲେ । ଲିପି ବି ଆତ୍ମହତ୍ୟା ପରି ଭୁଲ୍ କାମ ଆଉ କରିବେ ନାହିଁ ବୋଲି ଲିଖିତ ଆକାରରେ ଜଣାଇଥିଲେ । ନିଜଭିତରେ ଭୁଲ୍ ବୁଝାମଣା କରି ଝିଅକୁ ଧରି ସୁଖ, ଶାନ୍ତିରେ ଘର ସଂସାର କରିବେ ବୋଲି ଉଭୟ ପ୍ରତିଶ୍ରୁତି ଦେଲେ । କିଛିଦିନ ପରେ 'ସଖୀ' ତରଫରୁ ସେମାନଙ୍କୁ ଫୋନ୍ କରି କିପରି ଅଛନ୍ତି ବୋଲି ପଚାରିବାରୁ ସେମାନେ ଖୁବ୍ ଖୁସିରେ ଅଛନ୍ତି ବୋଲି କହିବା ସହ 'ସଖୀ'କୁ ଧନ୍ୟବାଦ ଦେଇଥିଲେ ।

## ଏକାଠି ହେଲା ଦୁଇ ମନ

ରାହୁଲ ଓ ରଶ୍ମି ଉଭୟଙ୍କର ଉଚ୍ଚ ଶିକ୍ଷାଗତ ଯୋଗ୍ୟତା ଥିଲା । ଆମେରିକାରେ ରହୁଥିବା ରାହୁଲଙ୍କ ସାଥିରେ ରଶ୍ମିଙ୍କର ପରିବାରର ସହମତିରେ ବିବାହ ହୋଇଥିଲା । ଦୁହେଁ ଆମେରିକାରେ ରହୁଥିଲେ । ବିବାହ ବେଳ ଠାରୁ ରାହୁଲଙ୍କ ବ୍ୟବହାର ରଶ୍ମିଙ୍କ ପ୍ରତି ଏତେ ଭଲ ନଥିଲା । ଏହା ଭିତରେ ଦୁଇଟି ଛୁଆଙ୍କର ବାପା ହୋଇଥିବା ରାହୁଲଙ୍କର ରଶ୍ମିଙ୍କ ପ୍ରତି ମନୋଭାବ ବଦଳି ନଥିଲା ବରଂ ଦିନକୁ ଦିନ ଅତ୍ୟାଚାର ବଢ଼ିବାକୁ ଲାଗିଲା । ରାହୁଲ୍ ଖରାପ ଭାଷାରେ ରଶ୍ମିକୁ ଗାଳିଗୁଲଜ କରିବା ସହ ମାଡ଼ ମଧ୍ୟ ମାରୁଥିଲେ । ରାହୁଲ ରଶ୍ମିର ଶାରୀରିକ ଗଠନକୁ ନେଇ ସମାଲୋଚନା କରୁଥିଲେ । ରାହୁଲ୍‌ଙ୍କ ଏପରି ବ୍ୟବହାର ପାଇଁ ରଶ୍ମି ତାଙ୍କୁ ସନ୍ଦେହ କରୁଥିଲେ, ତେଣୁ ସେ କାମ କଲାବେଳେ ରଶ୍ମି ତାଙ୍କ ପାଖେ ପାଖେ ରହୁଥିଲେ । ଏତେ ସବୁ ପ୍ରତିକୂଳ ପରିସ୍ଥିତି ଯୋଗୁ ରାହୁଲ କାମ ଧିରେ ଧିରେ କମିବାକୁ ଲାଗିଲା ।ତେଣୁ ସେ ସବୁ ଛାଡ଼ି ଓଡ଼ିଶାକୁ ଫେରି ଆସିଲେ । ଓଡ଼ିଶାରେ କିଛି ନୂଆ କାମ କରିବା ପାଇଁ ରାହୁଲ ଚିନ୍ତା କରୁଥିଲେ । ଏଠିକି ଆସିବା ପରେ ରାହୁଲ, ରଶ୍ମି କିମ୍ବା ତାଙ୍କ ୨ଟି ପିଲାଙ୍କ କଥା କିଛି ବୁଝୁନଥିଲେ । ରଶ୍ମି ଆଉ ଅତ୍ୟାଚାର ସହି ନ ପାରି ରାହୁଲଙ୍କ ନାମରେ କଟକ ମହିଳା ଥାନାରେ ଅଭିଯୋଗ କଲେ, ମହିଳା ଥାନାରେ ଅଭିଯୋଗ ଶୁଣିବା ପରେ ଉଭୟ ରଶ୍ମି, ରାହୁଲଙ୍କୁ 'ସଖୀ'କୁ ପରାମର୍ଶ ପାଇଁ ପଠାଇଥିଲେ । ପ୍ରଥମ ଥର ସେମାନଙ୍କୁ ବୁଝାସୁଝା କରାଯାଇଥିଲେ ବି ତାହା ସଫଳ ହୋଇନଥିଲା । ଦ୍ୱିତୀୟ ଥର ପୁଣି ୨ଜଣଙ୍କୁ ବୁଝାସୁଝା କରିବା ପରେ ସେମାନଙ୍କ ମଧ୍ୟରେ ଆପୋଷ ବୁଝାମଣା ହୋଇ ଲେଖା, ପଢ଼ା ହୋଇଥିଲା, ଦୁଇଜଣ ନିଜର ଭୁଲ୍ ବୁଝିପାରି, ମିଳିମିଶି ରହିବେ ବୋଲି କଥା ହୋଇଥିଲେ । ସେମାନେ କେମିତି ଚଳୁଛନ୍ତି ଜାଣିବା ପାଇଁ 'ସଖୀ' ସେଣ୍ଟରରୁ ଫୋନ୍ କରିଲାବେଳେ ଜଣାଗଲା ଯେ ୨ଜଣ ଭଲରେ ରହିଛନ୍ତି ।

## ସଚେତନତା କାର୍ଯ୍ୟକ୍ରମ

# ଗଣମାଧ୍ୟମ ପ୍ରତିନିଧିମାନଙ୍କ ନିମନ୍ତେ ଦିନିକିଆ କର୍ମଶାଳା

ସଖୀ କାର୍ଯ୍ୟାଳୟ ପରିସରରେ ଗଣମାଧ୍ୟମ ପ୍ରତିନିଧିମାନଙ୍କ ସଖୀ ସମ୍ବନ୍ଧୀୟ କାର୍ଯ୍ୟକ୍ରମ ସଂପର୍କରେ ଜାଣିବା ନିମନ୍ତେ ଏକ ଦିନିକିଆ କର୍ମଶାଳାର ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆଇ.ଏସ୍.ଡି. ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଯୋଗଦେଇ ସଖୀ ଯୋଜନାର ଥିବା ମୁଖ୍ୟ ସହାୟତା ବିଷୟରେ ଆଲୋକପାତ କରିଥିଲେ । ଏହି କେନ୍ଦ୍ର ସହାୟତାରେ ଜଣେ ହିଂସାପୀଡ଼ିତା ମହିଳା କିଭଳି ସହଜରେ ଡାକ୍ତରୀ ସୁବିଧା, ଆଇନ୍‌ଗତ ସହାୟତା, ପୁଲିସ୍ ସହାୟତା ଗୋଟିଏ ଜାଗାରୁ ମିଳିପାରିବ ସେଥିପାଇଁ କି କି ବ୍ୟବସ୍ଥାମାନ ରହିଛି ସେ ସମ୍ବନ୍ଧୀୟ ସୂଚନା ମଧ୍ୟ ଦେଇଥିଲେ, ଏହି କର୍ମଶାଳାରେ ଜିଲ୍ଲା ସୁରକ୍ଷା ଅଧିକାରୀ ଶ୍ରୀମତୀ ମଞ୍ଜୁଲତା ନାୟକ ଯୋଗଦେଇ ଆଇନ୍ ପରାମର୍ଶ ଓ ପୀଡ଼ିତାଟିକୁ ସାମାଜିକ ଓ ମନସ୍ତାତ୍ତ୍ୱିକ ପରାମର୍ଶ ମାଧ୍ୟମରେ କିଭଳି ସଶକ୍ତ କରାଯାଇପାରିବ ତାହା ସଖୀ କେନ୍ଦ୍ରର ପ୍ରମୁଖ ଦାୟିତ୍ୱ ବୋଲି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ସୂଚାଇ ଦେଇଥିଲେ । ପୀଡ଼ିତାଙ୍କ ଅଭିଯୋଗକୁ ଆଧାର କରି ଓ ତା'ର ଆବଶ୍ୟକତାକୁ ଆଖିଆଗରେ ରଖି, ବିଶେଷକରି ଗୁରୁତର ହିଂସା ଯଥା ଦୁଷ୍କର୍ମର ଶିକାର ମହିଳାମାନଙ୍କ ଯଥେଷ୍ଟ ଡାକ୍ତରୀ ଚିକିତ୍ସା ଓ ସାମାଜିକ ଓ ମନସ୍ତାତ୍ତ୍ୱିକ ପରାମର୍ଶ ନିମନ୍ତେ ଅତିକମ୍‌ରେ ୫ ଦିନ ପର୍ଯ୍ୟନ୍ତ ଜଣେ ପୀଡ଼ିତା ମହିଳାଟିକୁ ଏଠାରେ ରଖାଯାଇପାରିବ । ଯେଉଁ ମହିଳାମାନେ ଅଧିକ ଦିନ ରହିବାର ଆବଶ୍ୟକତା ଜଣାପଡ଼େ ସେମାନଙ୍କୁ ନିକଟସ୍ଥ ସ୍ୱାଧାର ଓ ସ୍ୱଚ୍ଛରହଣୀ ଗୃହରେ ରଖିବାର ବ୍ୟବସ୍ଥା କରାଯାଏ ବୋଲି 'ସଖୀ'ର ପରିଚାଳିକା ସୌମ୍ୟା ସାହୁ ଜଣାଇଥିଲେ । ଏହି କର୍ମଶାଳାରେ କଟକ ଜିଲ୍ଲାର ସମସ୍ତ ଗଣମାଧ୍ୟମ ପ୍ରତିନିଧିମାନେ ଯୋଗଦେଇଥିଲେ । ଶେଷରେ ଗଣମାଧ୍ୟମ ପ୍ରତିନିଧିମାନଙ୍କର ସମସ୍ତ ପ୍ରଶ୍ନର ଉତ୍ତରମାନ ଦିଆଯାଇଥିଲା ।







ଅଢେଇ ବର୍ଷରେ ୨୦୯ ପରିବାର ଯୋଡିଛି ସଖୀ

ପ୍ରଜାତନ୍ତ୍ର The Prajatantra

ସଖୀ ୱାନଷ୍ଟପ କେନ୍ଦ୍ର ତରଫରୁ ମହିଳା ହିଂସା ସମ୍ବନ୍ଧୀୟ ସଚେତନତା କାର୍ଯ୍ୟକ୍ରମ

ଓଡ଼ିଆରୁ ସମ୍ମାନ ODIYARA SANMANA

ସଖୀ - ୱାନ ଷ୍ଟପ କେନ୍ଦ୍ର ପକ୍ଷରୁ ଆଲୋଚନାଚକ୍ର

କଟକ, ୨୪।୮ : ମହିଳା ସ୍ୱେଚ୍ଛାସେବୀ ଅନୁଷ୍ଠାନ ସଖୀ- ୱାନ ଷ୍ଟପ କେନ୍ଦ୍ର ତରଫରୁ ମହିଳା ହିଂସା ସମ୍ପର୍କରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ ଆଇ.ଏସ.ଡି.ର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଯୋଜନାର ସହାୟତା ସମ୍ବନ୍ଧରେ ଅଲୋକୋପାତ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଜିଲା ସୁରକ୍ଷା ଅଧିକାରୀ ମଞ୍ଜୁଲତା ନାୟକ ଓ ମିଶନ ଶକ୍ତିର ସହସଂଯୋଜିକା ବନଜା ନଳିନୀ ଦେବୀ ପ୍ରମୁଖ ଉପସ୍ଥିତ ରହିଥିଲେ । ସଖୀ କେନ୍ଦ୍ରର ପରାମର୍ଶଦାତ୍ରୀ ରୂପଶ୍ରୀ ଦୋରା ଧନ୍ୟବାଦ ଅର୍ପଣ କରିଥିଲେ । ଏହି କେନ୍ଦ୍ର କଟକ ଜିଲାର ହିଂସା ପୀଡ଼ିତା ମହିଳାଙ୍କୁ ସାହାର୍ଯ୍ୟ ଓ ସହଯୋଗର ହାତ ବଢ଼େଇଥାଏ । ବିଗତ ଦୁଇ ବର୍ଷ ମଧ୍ୟରେ ମୋଟ ୫୦୦ ଅଭିଯୋଗ ଦାଖଲ ହୋଇଥିବା ବେଳେ ୨୦୯ ଅଭିଯୋଗର ସମାଧାନ ହୋଇପାରିଛି । ଅସାହାୟ ମହିଳାଙ୍କୁ ଡାକ୍ତରୀ ଚିକିତ୍ସା, ଆଶ୍ରୟଗୃହର ସୁବିଧା, ପୁଲିସ ଓ ମାଗଣା ଆଇନ ସହାୟତା ରାଜ୍ୟ ଆଇନ ପ୍ରାଧିକରଣ ସଂସ୍ଥା ମାଧ୍ୟମରେ ଯୋଗାଇ ଦିଆଯାଉଛି ।

# ମହିଳା ହିଂସା ଓ ତାହାର ପ୍ରତିକାର ସମ୍ବନ୍ଧୀୟ ଆଲୋଚନାଚକ୍ର

ଆନ୍ତର୍ଜାତୀୟ ମହିଳା ହିଂସା ବିରୋଧି ଦିବସ ପାଳନ ପରିପ୍ରେକ୍ଷୀରେ 'ସଖୀ' ତରଫରୁ ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟ ସେବା ଯୋଜନା ଓ ସଖୀର ମିଳିତ ସହଯୋଗରେ ବାଙ୍କୀ ମହାବିଦ୍ୟାଳୟ ପରିସରରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା । ଉକ୍ତ ଆଲୋଚନାଚକ୍ରକୁ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଅରୁଣ କୁମାର ବେହେରା ଉଦ୍‌ଘାଟନ କରିଥିଲେ । ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର ଏଥିରେ ସଭାପତିତ୍ୱ କରିଥିଲେ । ମୁଖ୍ୟବକ୍ତା ଭାବେ କ୍ଲାପ ଲିଗାଲ୍ ସର୍ଭିସ୍ ଇନ୍‌ଷ୍ଟିଚ୍ୟୁଟ୍‌ର ସଭାପତି ଡଃ ବିକାଶ ଦାସ ଯୋଗଦାନ କରି ମହିଳା ସମ୍ବନ୍ଧୀୟ ବିଭିନ୍ନ ହିଂସା ଓ ତାହାର ପ୍ରତିକାର ସମ୍ବନ୍ଧୀୟ ବିଭିନ୍ନ ଦିଗରେ ଆଲୋକପାତ କରିଥିଲେ । ମହିଳାମାନଙ୍କ ପାଇଁ ଥିବା ବିଭିନ୍ନ ଆଇନ୍ କିଭଳି ମହିଳାମାନଙ୍କ ପାଖରେ ପହଁଚିପାରିବ ସେ ସମ୍ବନ୍ଧରେ ଉଚ୍ଚନ୍ୟାୟାଳୟର ବରିଷ୍ଠ ଆଇନ୍‌ଜୀବୀ ଶ୍ରୀ ବିଜୟ କୁମାର ପଣ୍ଡା ଏହାର କାର୍ଯ୍ୟକରିବା ଉପରେ ଆଲୋକପାତ କରିଥିଲେ । ଜାତୀୟ ସେବା ଯୋଜନାର କାର୍ଯ୍ୟକାରିଣୀ ଅଧ୍ୟାପିକା ବିଷ୍ଣୁପ୍ରିୟା ପ୍ରଧାନ, କଟକ ଜିଲ୍ଲା ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ୍ ଦାସ, ଅଧ୍ୟାପିକା ଡ. ସନ୍ଧ୍ୟାରାଣୀ ମହାନ୍ତି, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଦେବାଶିଷ ପଣ୍ଡା ଓ ଏନ୍.ଏସ୍.ଭି ପ୍ରଶାନ୍ତ ରଣା ପ୍ରମୁଖ ଉପସ୍ଥିତ ରହି ନିଜ ନିଜର ମତାମତ ରଖିଥିଲେ ।









## ମହିଳାଙ୍କ ଉପରେ ହିଂସା ନେଇ ଆଲୋଚନାଚକ୍ର

■ କଟକ,ପିଏନଏସ

ମହିଳା ସ୍ବେଚ୍ଛାସେବୀ ଅନୁଷ୍ଠାନ ଆଇଏସଡି ଦ୍ୱାରା ପରିଚାଳିତ ସଖୀ ୱାନ ଷ୍ଟପ କେନ୍ଦ୍ରରେ ମହିଳା ହିଂସା ଓ ସଖୀ କେନ୍ଦ୍ରର ଭୂମିକା ସମ୍ବନ୍ଧରେ ଏକ ଆଲୋଚନାଚକ୍ର ଏସସିବିର ଉତ୍କଷ୍ଟ ମାନସିକ କେନ୍ଦ୍ର ବିଲ୍ଡିଂରେ ଅନୁଷ୍ଠିତ ହୋଇଯାଇଛି । ସୌମ୍ୟା ସୁଚରିତା ସାହୁ ସ୍ୱାଗତ ଭାଷଣ ଦେଇଥିଲେ । ଏହି କେନ୍ଦ୍ର କଟକ ଜିଲ୍ଲାରେ ହିଂସା ପୀଡ଼ିତା ମହିଳାଙ୍କୁ ସାହାଯ୍ୟ ଓ ସହଯୋଗ ଯୋଗାଇ ଦେବା ନିମନ୍ତେ ଦୀର୍ଘ ୨ ବର୍ଷ ୫ ମାସ ଧରି କାର୍ଯ୍ୟ କରିଆସୁଛି । ଦୁଇ ବର୍ଷ ମଧ୍ୟରେ ମୋଟ ୫ ଶହ ଅଭିଯୋଗ ଦାଖଲ ହୋଇଥିବା ବେଳେ ସେଥିମଧ୍ୟରୁ ୨୦୯ ଅଭିଯୋଗ ପରାମର୍ଶ ମାଧ୍ୟମରେ ସମାଧାନ ହୋଇପାରିଛି । ଏତଦ ବ୍ୟତୀତ ଏଠାକୁ ଅଭିଯୋଗ ନେଇ ଆସୁଥିବା ମହିଳାଙ୍କୁ ଦରକାର ଥିଲେ ତୁରନ୍ତ ଡାକ୍ତରୀ ଚିକିତ୍ସା, ଆଶ୍ରୟଗୃହରେ ରହିବାର ବ୍ୟବସ୍ଥା, ପୋଲିସ ସହାୟତା, ଓ ମାଗଣା ଆଇନ ସହାୟତା ନିମନ୍ତେ ରାଜ୍ୟ ଆଇନ ପ୍ରାଧିକରଣ ସଂସ୍ଥା ସହିତ ଯୋଗାଯୋଗ କରି ଦିଆଯାଉଛି । ଆଇଏସଡିର ନିର୍ଦ୍ଦେଶିକା ଶୁଭଶ୍ରୀ ଦାସ ଏହି ଯୋଜନାରେ ମୁଖ୍ୟ ସହାୟତା ସମ୍ବନ୍ଧରେ ଆଲୋକପାତ କରିଥିଲେ ।

## ମହିଳା ହିଂସା ଉପରେ ଆଲୋଚନାଚକ୍ର

■ ବାଙ୍କୀ,ତା୭।୧୨(ପିଏନଏସ)

ବାଙ୍କୀ ସ୍ୱୟଂଶାସିତ ମହାବିଦ୍ୟାଳୟର ଜାତୀୟସେବା ଯୋଜନା ଓ ଆଇଏସଡି ଦ୍ୱାରା ପରିଚାଳିତ ସଖୀ, କଟକ ମିଳିତ ସହଯୋଗରେ ବାଙ୍କୀ ମହାବିଦ୍ୟାଳୟ ଦୃଶ୍ୟଶ୍ରାବ୍ୟ ଗୃହ ଠାରେ ମହିଳା ହିଂସା ନିରୋଧ ଉପରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଯାଇଛି । ଏହାକୁ ଅଧ୍ୟକ୍ଷ ଡଃ.ଅରୁଣ କୁମାର ବେହେରା ଉଦଘାଟନ କରିଥିଲେ । ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଆଲୋଚନା ଚକ୍ରରେ ମୁଖ୍ୟ ଅତିଥି ଭାବେ କ୍ଲାପ ଇଣ୍ଡିଆର ସଭାପତି ଡଃ.ବିକାଶ ଦାଶ, ମୁଖ୍ୟବକ୍ତା ଭାବେ ଓଡ଼ିଶା ଉଚ୍ଚନ୍ୟାୟାଳୟର ଆଇନଜୀବୀ ବିଜୟ ପଣ୍ଡା, ସମ୍ମାନୀତ ଅତିଥି ଭାବେ ଆଇଏସଡି ଓ ସଖୀର ପ୍ରଶାସନିକ ଅଧିକାରୀ ସୌମ୍ୟା ସୁଚରିତା ସାହୁ ପ୍ରମୁଖ ଯୋଗ ଦେଇ ମହିଳା ହିଂସା ନିରୋଧ ଉପରେ ଆଲୋଚନା କରିଥିଲେ । ଜାତୀୟସେବା ଯୋଜନାର କାର୍ଯ୍ୟକାରୀ ଅଧିକାରୀ ଅଧ୍ୟାପିକା ବିଷ୍ଣୁପ୍ରିୟା ପ୍ରଧାନ ସ୍ୱାଗତ ଭାଷଣ ଦେଇଥିବା ବେଳେ କଟକ ଜିଲ୍ଲା ଜାତୀୟ ସେବା ଯୋଜନାର ଜିଲ୍ଲା କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପକ ସତ୍ୟଜିତ ଦାସ ଅତିଥି ପରିଚୟ ଓ କାର୍ଯ୍ୟକ୍ରମ ସମ୍ବନ୍ଧରେ ସୂଚନା ଦେଇଥିଲେ । ଉକ୍ତ କାର୍ଯ୍ୟକ୍ରମକୁ ସତ୍ୟନାରାୟଣ ପାତ୍ର, ଡଃ.ସନ୍ଧ୍ୟାରାଣୀ ମହାନ୍ତି, ଅଧ୍ୟାପିକା ସରସ୍ୱତୀ ଦେଉରୀ, ଅଧ୍ୟାପକ ନିରଞ୍ଜନ ଉପାଧ୍ୟାୟ, ଦେବାଶିଷ ପଣ୍ଡା ଓ ଏନଏସଭି ପ୍ରଶାନ୍ତ ରଣା ପ୍ରମୁଖ ପରିଚାଳନା କରିଥିଲେ । ସୁଚିତ୍ରା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ ।

## ମହିଳା ହିଂସା ନିରୋଧ ଉପରେ ରାଜ୍ୟସ୍ତରୀୟ ଆଲୋଚନା

## ବାଙ୍କୀ କଲେଜରେ ମହିଳା ହିଂସା ନିରୋଧ ଆଲୋଚନାଚକ୍ର

ସକାଳ
THE SAKALA

# ସଚେତନତା କାର୍ଯ୍ୟକ୍ରମ



With Rural Police



With Commissionerate Police



Observation of 16 Days of Activism



Community Awareness Meeting



Meeting with inmates of Shelter Home




Awareness meeting with Nursing Students



ପ୍ରଜାତନ୍ତ୍ର
The Prajatantra
75th YEAR PUBLICATION
ପ୍ରଜାତନ୍ତ୍ର ପ୍ରଚାର ସମିତି
ପ୍ରତିଷ୍ଠାତା-ଉତ୍କଳକେଶରୀ ଡକ୍ଟର ହରେକୃଷ୍ଣ ମହତାବ
ମୀନାବଜାର
ମୂଲ୍ୟ: ୧୦ଟଙ୍କା ମାତ୍ର
ପ୍ରଜାତନ୍ତ୍ର ପ୍ରଚାର ସମିତିପକ୍ଷରୁ ପ୍ରକାଶିତ
fb.com/prajatantra.pracharsamity.9 @the_prajatantra theprajatantra@yahoo.com www.theprajatantra.org
୭୫ବର୍ଷ ❑ ସଂଖ୍ୟା-୩୩ ● କଟକ ● ଶନିବାର ● ୧୧, ସେପ୍ଟେମ୍ବର, ୨୦୨୧ ● ମୀନ ୨୫ ● ସାଲ୍ ୧୪୨୮
CUTTACK ● SATURDAY ● 11 SEPTEMBER-2021 ● RNI Regd.No.4001/57
ମୂଲ୍ୟ : ₹୫ ଟଙ୍କା

## ସଖୀ ୱାନଷ୍ଟପ ପରିଦର୍ଶନ କଲେ ମହିଳା କମିଶନ ଅଧ୍ୟକ୍ଷା

କଟକ, (ପିପିଏସ୍) : ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ଡକ୍ଟର ମିନତି ବେହେରା, ଏଡିଏମ୍ ଓ ଶ୍ରୀଯୁକ୍ତ ବିଜୟ କୁମାର ଖଣ୍ଡାୟତ ରାୟ ଜିଲ୍ଲା ପରିଷଦର ସଭାପତି ଶ୍ରୀମତୀ ଜ୍ୟୋତିରେଖା ନାୟକ, ଡିଏସ୍‌ଡବ୍ଲୁ ଓ ଶ୍ରୀମତୀ ନିରୁପମା ବେହେରା, ସଂଯୋଜିକା ମିଶନ ଶକ୍ତି ଶ୍ରୀମତୀ ବନଜା ନନ୍ଦିନୀ ଦେବୀ, ଏସସିବି ମେଡ଼ିକାଲର ମାନସିକ ସାସ୍ଥ୍ୟ ପ୍ରତିଷ୍ଠାନର ତୃତୀୟ ମହଲାରେ କାର୍ଯ୍ୟକାରୀ ହେଉଥିବା ସଖୀ ୱାନଷ୍ଟପ ସେଣ୍ଟରକୁ ପରିଦର୍ଶନରେ ଆସିଥିଲେ।



ମହିଳା କମିଶନର ଅଧ୍ୟକ୍ଷା ଶ୍ରୀମତୀ ମିନତୀ ବେହେରା ସଖୀର କାର୍ଯ୍ୟପ୍ରଣାଳୀ ବିଷୟରେ ଏବଂ ଭବିଷ୍ୟତରେ ସଖୀ ୱାନ ଷ୍ଟପ ସେଣ୍ଟରର ସହାୟତା କିଭଳି ଭାବରେ ଅଧିକରୁ ଅଧିକ ହିଂସା ପୀଡ଼ିତା ମହିଳା ଏବଂ ବାଳିକା ପାଇପାରିବେ ସେହି ବିଷୟରେ ଆଲୋଚନା କରିଥିଲେ ଓ ସଖୀର ଉତ୍ତରରେ ଉନ୍ନତି କାମନା କରି ଥିଲେ। ସଖୀ ୱାନ ଷ୍ଟପ ସେଣ୍ଟର ତରଫରୁ ବୀଣା ମଲ୍ଲିକ, ଭବାନୀ ପ୍ରସାଦ ନାୟକ, ସୌମ୍ୟ ସୁଚରିତା ସାହୁ ଏବଂ ସଖୀର ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସଖୀ ୱାନ ଷ୍ଟପ ସେଣ୍ଟର ମୁଖ୍ୟ ପରିଚାଳିକା ଶ୍ରୀମତୀ ସୌମ୍ୟ ସୁଚରିତା ସାହୁଙ୍କୁ କରୋନା ୱାରିୟର ଭାବରେ ଓଡ଼ିଶା ରାଜ୍ୟ ମହିଳା ଆୟୋଗ ତରଫରୁ ସମ୍ମାନିତ କରାଯାଇଥିଲା।

# GLIMPSES...




Observation of International Women's Day



Visit of Chairperson, State Commission for Women



Received Covid-Warrior award from District Administration



Release of 2nd year 'Sakhi' Annual Report



Visit of District Monitoring Committee



Visit of State Team from HFW Deptt.



Visit of State Monitoring Committee



Celebration of International Yoga Day

***For more information contact***

**SAKHI - ONE STOP CENTER**
3rd Floor, Mental Health Institute (MHI) (COE)
SCB Medical College & Hospital, Cuttack
Ph. : 0671-2410141, 9938972817
Email : osccuttack@gmail.com, onestopcentercuttack

*Institute for Social Development*
Plot No.-95 Phase-II, Kanan Vihar
P.O.-Patia, Bhubaneswar-751031, Odisha, India
Ph: + 91-674-2726756, Mob. : 9437018141
E-mail: isd_bbsr@rediffmail.com, to@isdbbsr.org, Web: www.isdbbsr.org